କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ

ବନାମ

ଦାମୋଦର ପ୍ରସାଦ ପାଣ୍ଡେ ଏବଂ ଅନ୍ୟମାନେ

ସେପ୍ଟେମ୍ବର 20, 2004

[ଅରିଜିତ ପଶାୟତ ଏବଂ ସି. କେ. ଥାକର, ନ୍ୟାୟମୂର୍ତ୍ତି]

*ସେବା ଆଇନ:*

*ବଦଳି- କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ଜଣେ ଶିକ୍ଷକ* **ଦୁରାଭିସନ୍ଧିର** *ଆରୋପ କରି ଏମ୍. ପି. ରାଜ୍ୟରୁ ଜାମ୍ମୁ-କାଶ୍ମୀରକୁ ତାଙ୍କର ବଦଳିକୁ ଆପତ୍ତି କରିଛନ୍ତି- ନ୍ୟାୟାଧିକରଣ ଅଭିଯୋଗ ପ୍ରତିଷ୍ଠିତ ନ ହୋଇଥିବା ପାଇଲେ- ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ବଦଳି ଆଦେଶରେ କୌଣସି ବେଆଇନତା ନାହିଁ ଏବଂ ଆବେଦନକାରୀଙ୍କ ପ୍ରତିସ୍ଥାପନରେ ଆସିଥିବା ଶିକ୍ଷକଙ୍କୁ ହଇରାଣ କରିବାର କୌଣସି କାରଣ ନାହିଁ- ତେବେ ସେ ଯାହା ହେଉ, ଆବେଦନକାରୀଙ୍କୁ ଏମ୍. ପି. ରାଜ୍ୟରେ ନିଯୁକ୍ତି ଦେବାକୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ- ନିର୍ଣ୍ଣୟ ହେଲା, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପୋଷଣୀୟ ନୁହେଁ ଏବଂ ବାତିଲ କରାଯାଉଛି ।*

*ଅମ୍ବାନୀ କାନ୍ତ ରାୟ ବନାମ ଓଡ଼ିଶା ରାଜ୍ୟ,* **[1995] ସପ୍ଲିମେଣ୍ଟ 4 ଏସସିସି 169;** *ଭାରତ ସଂଘ* ବନାମ ଏସ୍. ଏଲ୍. ଆବାସ୍, **ଏଆଇଆର(1993) ଏସସି 2444** *ଏବଂ ଭାରତ ସଂଘ ଓ ଅନ୍ୟମାନେ* ବନାମ ଜନାର୍ଦ୍ଦନ ଦେବନାଥ ଓ ଅନ୍ୟଜଣେ, **[2004] 4 ଏସସିସି 245 ଉପରେ ନିର୍ଭର କରାଯାଇଛି ।**

ଦେୱାନୀ ଅପିଲ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 6207/2004 ।

ସି. ଡବ୍ଲ୍ୟୁ. ପି. ସଂଖ୍ୟା 3496/2003 ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟର ତା 31.10.2003 ରିଖର ରାୟ ତଥା ଆଦେଶରୁ

ଆବେଦନକାରୀ ପକ୍ଷରୁ ରାକେଶ କେ. ଖାନ୍ନା, ସୁଶ୍ରୀ ରଶ୍ମୀ ଖାନ୍ନା, ଶଶାଙ୍କ ଶେଖର ଏବଂ ସୂର୍ଯ୍ୟକାନ୍ତ ।

ପ୍ରତିବାଦୀମାନଙ୍କ ପକ୍ଷରୁ ରାଜ କୁମାର ଗୁପ୍ତା ଏବଂ ସୁଶ୍ରୀ ମୃଦୁଲା ରାୟ ଭରଦ୍ୱାଜ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତି: ଅନୁମତି ମଞ୍ଜୁର କରାଗଲା ।

ପକ୍ଷମାନଙ୍କ ତରଫର ଶ୍ରୀମାନ ଓକିଲଙ୍କୁ ଶୁଣିଲୁ ।

କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ, (ଏଓସି) ଜବଲପୁର, ଏମ.ପି. ରେ ସଂସ୍କୃତ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ବେଳେ ପ୍ରତିବାଦୀ ସଂଖ୍ୟା 1 ତାଙ୍କର ଜାମ୍ମୁ-କାଶ୍ମୀରକୁ ହୋଇଥିବା ବଦଳି ଉପରେ ପ୍ରଶ୍ନ ଉଠାଇଥିଲେ । ବର୍ତ୍ତମାନର ଆବେଦନରେ ପ୍ରତିବାଦୀ ସଂଖ୍ୟା 5, ସୁଶୀଲା ପାଣ୍ଡେଙ୍କୁ ପ୍ରତିବାଦୀ ସଂଖ୍ୟା 1 ସ୍ଥାନରେ ଜବଲପୁରକୁ ବଦଳି କରାଯାଇଥିଲା । ପ୍ରତିବାଦୀ ସଂଖ୍ୟା 1 କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ଜବଲପୁର (ସଂକ୍ଷେପରେ 'ନ୍ୟାୟାଧିକରଣ') ସମ୍ମୁଖରେ ମୂଳ ଆବେଦନଟିକୁ ଦାଖଲ କରିଥିଲେ । ବଦଳି ଆଦେଶ ମୁଖ୍ୟତଃ ଆରୋପିତ *ଦୁରାଭିସନ୍ଧିର* ଆଧାରରେ ଏବଂ କ୍ଷମତାର ଉହାଡ଼ରେ ଜାରି କରାଯାଇଥିବା ଏକ ଦଣ୍ଡାତ୍ମକ ବଦଳି ବୋଲି ଆପତ୍ତି କରାଯାଇଥିଲା । ନ୍ୟାୟାଧିକରଣ ପରିଲକ୍ଷ୍ୟ କଲେ ଯେ *ଦୁରାଭିସନ୍ଧିର* ଆରୋପ ସ୍ଥାପିତ ହୋଇନାହିଁ ଏବଂ ବଦଳି କୌଣସି ପ୍ରକାରରେ ଦୂଷିତ ହୋଇନାହିଁ । ତାଙ୍କୁ ଏବଂ ତାଙ୍କ ପତ୍ନୀଙ୍କୁ ଗୋଟିଏ ସ୍ଥାନରେ ଅବସ୍ଥାପିତ କରାଯିବା ଉଚିତ ବୋଲି ବର୍ତ୍ତମାନର ପ୍ରତିବାଦୀ ସଂଖ୍ୟା 1 ଙ୍କ ଆବେଦନ ମଧ୍ୟ ଗ୍ରହଣୀୟ ନୁହେଁ ବୋଲି ଧରାଯାଇଥିଲା । ଏହା

ପରିଲକ୍ଷିତ ହୋଇଥିଲା ଯେ, ଯେଉଁ ପରିସ୍ଥିତିରେ ସ୍ୱାମୀ-ସ୍ତ୍ରୀଙ୍କୁ ଏକାଠି ରଖାଯାଇପାରିବ, ତାହା ସର୍ବଦା ଖାଲି ସ୍ଥାନର ଉପଲବ୍ଧତା ଏବଂ ପ୍ରଶାସନିକ ଆବଶ୍ୟକତା ଉପରେ ନିର୍ଭର କରିବ । ଏହା ଉଲ୍ଲେଖ କରାଯାଇଥିଲା ଯେ ବର୍ତ୍ତମାନର ପ୍ରତିବାଦୀ ସଂଖ୍ୟା 1 ଏବଂ ତାଙ୍କ ପତ୍ନୀ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରାୟ 17 ବର୍ଷ ଧରି ଏକାଠି କାମ କରିଥିଲେ । ଏହା ଲକ୍ଷ୍ୟ କରାଯାଇଥିଲା ଯେ ପ୍ରତିବାଦୀ ସଂଖ୍ୟା 5 ଜାମ୍ମୁ-କାଶ୍ମୀରରେ ପ୍ରାୟ 15 ବର୍ଷ ଧରି କାର୍ଯ୍ୟ କରିଥିଲେ ଏବଂ ତାଙ୍କୁ ଏମ.ପି., ଅର୍ଥାତ୍ ତାଙ୍କ ମୂଳ ନିଯୁକ୍ତି ସ୍ଥାନକୁ ଫେରିବା ପାଇଁ ଏକ ନିଯୁକ୍ତି ଦିଆଯାଇଥିଲା । ମୂଳ ଆବେଦନକୁ ଖାରଜ କରିଦିଆଯାଇଥିଲା । ବରଖାସ୍ତ ଆଦେଶକୁ ଜବଲପୁରସ୍ଥିତ ଏମ.ପି. ଉଚ୍ଚ ନ୍ୟାୟାଳୟରେ ଆପତ୍ତି କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଉଲ୍ଲେଖ କରିଥିଲେ ଯେ ପଞ୍ଚମ ପ୍ରତିବାଦୀ ବଦଳିରେ ବାଧା ସୃଷ୍ଟି କରିବାର କୌଣସି କାରଣ ନାହିଁ ଏବଂ ଏହା ମଧ୍ୟ କହିଥିଲେ ଯେ ପ୍ରତିବାଦୀ ସଂଖ୍ୟା 1ଙ୍କ ସମ୍ବନ୍ଧରେ ଏ ପର୍ଯ୍ୟନ୍ତ ବଦଳି ଆଦେଶରେ କୌଣସି ବେଆଇନତା ନାହିଁ । ଏପରି ଏକ ଉପସଂହାର ପହଞ୍ଚିବା ପରେ, ଉଚ୍ଚ ନ୍ୟାୟାଳୟ ଏକ ନିର୍ଦ୍ଦେଶ ଦେଇଥିଲେ ଯେ ବର୍ତ୍ତମାନର ପ୍ରତିବାଦୀ  ସଂଖ୍ୟା 1 ଙ୍କୁ ଏମ.ପି. ରାଜ୍ୟରେ ଏକ ନିଯୁକ୍ତି ଦିଆଯିବ । ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶର ଏହି ଅଂଶକୁ ଆବେଦନକାରୀ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଦ୍ୱାରା ଆପତ୍ତି କରାଯାଇଛି । ପ୍ରତିବାଦୀଙ୍କ ତରଫରୁ କୌଣସି ଉପସ୍ଥିତି ନାହିଁ । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଦୃଷ୍ଟିରେ ରଖି 19.3.2004 ରେ ଏହି ନ୍ୟାୟାଳୟ ଦ୍ୱାରା  ସ୍ଥଗିତାଦେଶର ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ପାରିତ ହୋଇଥିଲା ।

ଯେଉଁ ବଦଳି ସେବାର ଏକ ଅନୁଷଙ୍ଗ ଅଟେ, ସେଥିରେ ନ୍ୟାୟାଳୟମାନଙ୍କ ଦ୍ୱାରା ହସ୍ତକ୍ଷେପ କରାଯିବା ଉଚିତ ନୁହେଁ, ଯେ ପର୍ଯ୍ୟନ୍ତ ଏହା ସ୍ପଷ୍ଟ ଭାବରେ ମନମୁଖୀ ଭାବେ କିମ୍ବା *ଦୁରାଭିସନ୍ଧି* ଦ୍ୱାରା କିମ୍ବା ବଦଳିକୁ ପରିଚାଳନା କରୁଥିବା କୌଣସି ନିର୍ଦ୍ଧାରିତ ନୀତି ନିୟମସମୂହର ଉଲ୍ଲଂଘନ କରାଯାଇଛି ବୋଲି ଦର୍ଶାଯାଇନାହିଁ (ଅମ୍ବାନୀ କାନ୍ତ ରାୟ ବନାମ *ଓଡ଼ିଶା ରାଜ୍ୟ,* [1995] ସପ୍ଲି. 4 ଏସସିସି 169 ଦେଖନ୍ତୁ) । ଯେ ପର୍ଯ୍ୟନ୍ତ ବଦଳି ଆଦେଶ *ଦୁରାଭିସନ୍ଧି* ଦ୍ୱାରା କରାଯାଇନାହିଁ କିମ୍ବା କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀର ଲଙ୍ଘନ କରି କରାଯାଇନାହିଁ, ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରିପାରିବେ ନାହିଁ । (ଦେଖନ୍ତୁ *ଭାରତ ସଂଘ* ବନାମ *ଏସ୍. ଏଲ୍. ଆବ୍ବାସ୍,* ଏଆଇଆର (1993) ଏସସି 2444 । କାହାକୁ ବଦଳି କରି କେଉଁଠି ନିଯୁକ୍ତି ଦିଆଯିବ, ପ୍ରଶାସନିକ କର୍ତ୍ତୃପକ୍ଷ ସେ' ନିଷ୍ପତ୍ତି ନେବେ । ଯେ ପର୍ଯ୍ୟନ୍ତ ବଦଳି ଆଦେଶ *ଦୁରାଭିସନ୍ଧିରେ* କରାଯାଇନାହିଁ କିମ୍ବା କୌଣସି ନିର୍ଦ୍ଦେଶାବଳୀ କିମ୍ବା ନିୟମ ଲଙ୍ଘନପୂର୍ବକ କାର୍ଯ୍ୟକାରୀ କରାଯାଇନାହିଁ, ନ୍ୟାୟାଳୟ ସାଧାରଣତଃ ଏଥିରେ ହସ୍ତକ୍ଷେପ କରିବା ଉଚିତ ନୁହେଁ । *ଭାରତ ସଂଘ ଏବଂ ଅନ୍ୟାନ୍ୟ* ବନାମ *ଜନାର୍ଦନ ଦେବନାଥ ଏବଂ ଅନ୍ୟମାନେ,* [2004] 4 ଏସସିସି 245 ରେ ଏହା ନିମ୍ନମତେ ପର୍ଯ୍ୟବେକ୍ଷଣ କରାଯାଇଥିଲା:

> "କୌଣସି ସରକାରୀ କର୍ମଚାରୀ କିମ୍ବା କୌଣସି ସରକାରୀ କାର୍ଯ୍ୟର ଭାରପ୍ରାପ୍ତ କର୍ମଚାରୀଙ୍କ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କିମ୍ବା ନିଜ ପସନ୍ଦର ସ୍ଥାନରେ ସବୁଦିନ ପାଇଁ ନିଯୁକ୍ତି ପାଇବାର କୌଣସି ଆଇନଗତ ଅଧିକାର ନାହିଁ, କାରଣ ବଦଳିଯୋଗ୍ୟ ପଦବୀର ଶ୍ରେଣୀ କିମ୍ବା ବର୍ଗରେ ନିଯୁକ୍ତ ହୋଇଥିବା ଜଣେ ନିର୍ଦ୍ଦିଷ୍ଟ କର୍ମଚାରୀଙ୍କ ବଦଳି କେବଳ ଏକ ଘଟଣା ନୁହେଁ, ବରଂ ଏକ ସେବା ସର୍ତ୍ତ, ଯାହା ଜନହିତ ଏବଂ ସରକାରୀ ପ୍ରଶାସନରେ ଦକ୍ଷତା ପାଇଁ ମଧ୍ୟ ଆବଶ୍ୟକ । ଯଦି କୌଣସି ବଦଳି ଆଦେଶକୁ *ଦୁରାଭିସନ୍ଧିପୂର୍ଣ୍ଣ* କାର୍ଯ୍ୟର ପରିଣାମ ବୋଲି ଦର୍ଶାଯାଇନାହିଁ କିମ୍ବା ଏପରି କୌଣସି ବଦଳିକୁ ନିଷିଦ୍ଧ କରୁଥିବା ବୈଧାନିକ ବ୍ୟବସ୍ଥାର ଲଙ୍ଘନ ବୋଲି କୁହାଯାଇନାହିଁ, ତେବେ ନ୍ୟାୟାଳୟ କିମ୍ବା

ନ୍ୟାୟାଧିକରଣଗୁଡ଼ିକ ଗତାନୁଗତିକ ଭାବରେ ଏହିପରି ଆଦେଶରେ ହସ୍ତକ୍ଷେପ କରିପାରିବେ ନାହିଁ, ସମ୍ପୃକ୍ତ ସେବାର ପ୍ରଶାସନିକ ଆବଶ୍ୟକତା ହିତରେ ପାରିତ ହୋଇଥିବା ଏହିପରି ଆଦେଶ ବିରୁଦ୍ଧରେ ନିଯୁକ୍ତିଦାତା/ପରିଚାଳନାବର୍ଗର ନିର୍ଣ୍ଣୟ ବଦଳାଇ ନିଜ ନିର୍ଣ୍ଣୟ ଦେଇଥା'ନ୍ତି ଯଦିଓ ସେମାନେ ଆବେଦନ କର୍ତ୍ତୃପକ୍ଷ ଅଟନ୍ତି । ନ୍ୟାସନାଲ *ହାଇଡ୍ରୋଇଲେକ୍ଟ୍ରିକ ପାୱାର କର୍ପୋରେସନ ଲିମିଟେଡ଼* ବନାମ *ଶ୍ରୀ ଭଗବାନ* [2001] 8 ଏସସିସି 574 ରେ ଏହି ନ୍ୟାୟାଳୟ ଏହି ସ୍ଥିତି ଉପରେ ଆଲୋକପାତ କରିଥିଲେ" ।

ବର୍ତ୍ତମାନର ମାମଲାରେ, ନ୍ୟାୟାଧିକରଣ ସ୍ପଷ୍ଟ ଭାବରେ ରାୟରେ ଉପନୀତ ହୋଇଥିଲେ ଯେ କୌଣସି *ଦୁରାଭିସନ୍ଧି ସମ୍ପୃକ୍ତ* ନଥିଲା ଏବଂ ଉଚ୍ଚ ନ୍ୟାୟାଳୟ ସେହି ସିଦ୍ଧାନ୍ତରେ ବାଧା ଦେଇନଥିଲେ । ସେପରି ହୋଇଥିବାରୁ, ଉଚ୍ଚ ନ୍ୟାୟାଳୟଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ଯେ ପ୍ରତିବାଦୀ ସଂଖ୍ୟା 1 କୁ ଏମ.ପି. ର କୌଣସି ସ୍ଥାନରେ ନିଯୁକ୍ତ କରାଯିବ ତାହା ସ୍ପଷ୍ଟତଃ ପୋଷଣୀୟ ନୁହେଁ । ଏହି ନିର୍ଦ୍ଦେଶକୁ ଯଥାର୍ଥ ସାବ୍ୟସ୍ତ କରିବା ପାଇଁ କୌଣସି କାରଣ ଦର୍ଶାଯାଇନାହିଁ । ଉଚ୍ଚ ନ୍ୟାୟାଳୟର ଆଦେଶର ସେହି ଅଂଶଟିକୁ ବାତିଲ କରାଯାଉଛି । ଉପରୋକ୍ତ ସୀମା ପର୍ଯ୍ୟନ୍ତ ଆବେଦନକୁ ଅନୁମତି ଦିଆଯାଉଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍. ପି.

ଆବେଦନକୁ ଅନୁମତି ଦିଆଯାଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**